# ସମର୍ପଣ ଭାବ ମହାପ୍ରଭୁଙ୍କ ନିକଟତର କରାଏ : ଗଜପତି




ପୁରୀ,୧୭।୧୨(ନି.ପ୍ର): ସମର୍ପଣ ଭାବ ମହାପ୍ରଭୁଙ୍କ ନିକଟତର କରାଏ। ଆଧ୍ୟାତ୍ମିକ ଜ୍ଞାନ ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା। ଶାସ୍ତ୍ର ଓ ଗୁରୁଙ୍କ ଆଶ୍ରିତ ହେଲେ ସିଦ୍ଧି ମିଳେ ବୋଲି ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ କହିଛନ୍ତି। ମହାପ୍ରଭୁଙ୍କୁ ପାଇବାକୁ ହେଲେ ଅନ୍ତଃକରଣ ଶୁଦ୍ଧ ହେବା ଦରକାର ବୋଲି ସେ ମତ ଦେଇଛନ୍ତି।

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଦ୍ୱାଦଶ ବାର୍ଷିକ ଉତ୍ସବ ରବିବାର ଏଠାରେ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଜପତି ମହାରାଜ କହିଲେ ସ୍ୱାଧୀନତା ପରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଏବଂ ଐତିହ୍ୟ କରିଡର ନିର୍ମାଣ ଏକ ବଡ଼ ସଫଳତା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଏଠାରୁ ନୂଆ ଅନୁଭୂତି ନେଇ ଫେରିବେ। ମହାପ୍ରଭୁଙ୍କ ଇଚ୍ଛାରେ ସବୁକିଛି ହେଉଥିବା ସେ ମତ ଦେଇଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଲେ କେବଳ କିଛି ପାଇବା ଆଶାରେ ମହାପ୍ରଭୁଙ୍କୁ ଡାକିବା ଭକ୍ତିର ସଂଜ୍ଞା ନୁହେଁ। ଆମେରିକାର ଡ. ଦାଶ ଫାଉଣ୍ଡେସନର ଅଧ୍ୟକ୍ଷ ଡ. ଶିତିକଣ୍ଠ ଦାଶ ଅତିଥିଭାବେ ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥ ଚେତନା ସମଗ୍ର ବିଶ୍ୱକୁ ଅନୁପ୍ରାଣିତ କରିଥିବା ସେ କହିଥିଲେ। ଅନୁଷ୍ଠାନର ସଭାପତି ବାବା ସଚ୍ଚିଦାନନ୍ଦ ଦାସ ଉତ୍ସବ ଅଧ୍ୟକ୍ଷତା କରିଥିବାବେଳେ ମହାସଚିବ ଡ. ନରେଶ ଚନ୍ଦ୍ର ଦା ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନା ଚେତନା, ଶ୍ରୀମନ୍ଦିରର ବିଜେ ପ୍ରତିମା ଏବଂ ଶ୍ରୀଜଗନ୍ନା ଚେତନା ଓ ଲୀଳା କ୍ଷେତ୍ର ସମାଚାର ପୁସ୍ତକ ଲୋକାର୍ପ କରାଯାଇଥିଲା। କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କୁ ଜାତୀ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ଡ. ତୁଳସୀ ଓଝା ଜାତୀୟ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ ଏବ ପ୍ରବଚକ ଅଧ୍ୟାପକ ଶୁକଦେବ ମହାନ୍ତିଙ୍କୁ ଶ୍ରୀଜଗନ୍ନା ଚେତନା ପ୍ରଚାରକ ସମ୍ମାନ ପ୍ରଦାନ କରାଯାଇଥିଲା।

ଭୁବନେଶ୍ୱର ଆରସିଏମ୍ ଶ୍ରୀଜଗନ୍ନାଥ ମନ୍ଦିର ଏବ ଚିକିଲି ଚକାଦେବ ଶ୍ରୀଜଗନ୍ନାଥ ମନ୍ଦିର ଲୀଳାକ୍ଷେତ୍ର କମିଟି ଶ୍ରୀଜଗନ୍ନାଥ ଚେତନା ସଙ୍ଗଠକ ସମ୍ମାନ ପ୍ରଦାନ କରାଯାଇଥିଲା ଅଧ୍ୟାପକ ଡ. ସୁନୀଲ ରଥ, ଗବେଷକ ପୂର୍ଣ୍ଣଚନ୍ଦ୍ର ଗୋଛିକା ଡ. ଶ୍ରୀନିବାସ ଆଚାର୍ଯ୍ୟ, ସାହିତ୍ୟିକ ଅସୀତ ମହାନ୍ତି, ସନ୍ତୋ କୁମାର ପାତ୍ର, ରବିନାରାୟଣ ସାମନ୍ତରା, ଅବସରପ୍ରା ପ୍ରଶାସକ ସୁଦର୍ଶନ ନାୟକ, ପ୍ରଫେସର ଦିବାକର ମହାପାତ୍ର ସୂର୍ଯ୍ୟନାରାୟଣ ମହାପାତ୍ର, ଡ. କରୁଣାକର ପ୍ରଧାନ ଏବ ହରେକୃଷ୍ଣ ପ୍ରତିହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସମ୍ବାଦ

## ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ବାର୍ଷିକୋତ୍ସବ

# ମହାପ୍ରଭୁଙ୍କ ନିକଟତର ହେବାକୁ ଭାବ ଲୋଡ଼ା: ଗଜପତି

ପୁରୀ, ୧୭/୧୨(ଇମିସ): ମହାପ୍ରଭୁଙ୍କ ନିକଟତର ହେବାକୁ କେବଳ ପୁରାଣ ଶାସ୍ତ୍ର ପଢ଼ିଲେ ହେବ ନାହିଁ, ଭାବ ଲୋଡ଼ା। ଅନ୍ତଃକରଣ ଶୁଦ୍ଧି ସହ ଭକ୍ତି, ବେଦାନ୍ତ ଜ୍ଞାନ ଓ ଆଧ୍ୟାତ୍ମିକ ସାଧନା ଏହି ଭାବ ଜାଗ୍ରତ କରିପାରିବ। ଶାସ୍ତ୍ର ସହ ଗୁରୁଙ୍କ ଆଶ୍ରିତ ହେବାକୁ ପଡ଼ିବ ବୋଲି ଗଜପତି ମହାରାଜା ଦିବ୍ୟସିଂହଦେବ କହିଛନ୍ତି ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଦ୍ୱାଦଶ ବାର୍ଷିକ ଉତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେଇ ଗଜପତି କହିଲେ, ସ୍ୱାଧୀନତା ପରେ ଯାହା ହୋଇ ପାରୁନଥିଲା, ତାହା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରୂପରେ ହେଉଛି। ଏହା ମହାପ୍ରଭୁଙ୍କ ଇଚ୍ଛାରେ ହେଉଛି ବୋଲି ସେ କହିଛନ୍ତି। ହଲିଡେ ରିସୋର୍ଟରେ ଅନୁଷ୍ଠିତ ଉତ୍ସବରେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଉଦ୍ଦେଶ୍ୟମୂଳକ ଭକ୍ତି କରିବା ଭକ୍ତିର ପ୍ରକୃତ ସଂଜ୍ଞା ନୁହେଁ। ନିଷ୍କାମ ଭକ୍ତି ହିଁ ବାସ୍ତବ ଭକ୍ତି। ଯେଉଁଠି ନିଷ୍କାମ ଭକ୍ତି ଓ ନାମ ଚାଲିଥାଏ ସେଠି ପ୍ରଭୁଙ୍କ ଉପସ୍ଥିତି ଥାଏ। ତେଣୁ ମହାପ୍ରଭୁଙ୍କୁ ଭକ୍ତି କରିବାର ଆଭିମୁଖ୍ୟ ବଦଳିବା ଆବଶ୍ୟକ ବୋଲି କହିଛନ୍ତି। ଆମେରିକା ଦାସ ଫାଉଣ୍ଡେସନ୍ ପ୍ରତିଷ୍ଠାତା ଡ.ଶୀତକଣ୍ଠ ଦାଶ ଅନ୍ତର୍ଜାତୀୟ ସ୍ତରରେ ମହାପ୍ରଭୁଙ୍କ ମହିମାର ପ୍ରଚାର ପ୍ରସାର ପାଇଁ ପ୍ରତିଷ୍ଠାନ ପକ୍ଷରୁ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତିଷ୍ଠାନର କେନ୍ଦ୍ରୀୟ ସଭାପତି ସଚ୍ଚିଦାନନ୍ଦ ଦାସ ବାବାଜୀ କହିଲେ, ଶ୍ରୀଜଗନ୍ନାଥ ସର୍ବୋଚ୍ଚ ସତ୍ତା। ପୂର୍ଣ୍ଣିମାରେ ଚନ୍ଦ୍ର ଯେପରି ସବୁ ଜ୍ୟୋତ୍ସ୍ନା ଢାଳିଦିଏ, ମହାପ୍ରଭୁ ସେମିତି ଏ ଜଗତକୁ ସବୁ କରୁଣା ଢାଳିଦେଇଛନ୍ତି।

ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କୁ 'ଶ୍ରୀଜଗନ୍ନାଥ ଚେତନା






ପ୍ରତିଭା ସମ୍ମାନ', ବିଶିଷ୍ଟ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷିକା ଡ.ତୁଳସୀ ଓଝାଙ୍କୁ 'ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ', ପ୍ରଧ୍ୟାପକ ଶୁକଦେବ ମହାନ୍ତିଙ୍କୁ 'ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ', ଭୁବନେଶ୍ୱରର ଆର୍‌ସିଏମ୍ ଶ୍ରୀଜଗନ୍ନାଥ ମନ୍ଦିର ଓ ଗଞ୍ଜାମ ଚିକିଟିର ଚକାଦେବ ଶ୍ରୀଜଗନ୍ନାଥ ମନ୍ଦିରକୁ 'ଶ୍ରୀଜଗନ୍ନାଥ ଚେତନା ସଂଗଠକ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ଡା. ଉମେଶ ପ୍ରସାଦ ପାଣିଗ୍ରାହୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓ ଡାକ୍ତର ରମାରାଣୀ ମିଶ୍ରଙ୍କ ସହଯୋଗରେ ୫ ଜଣ ଶ୍ରୀମନ୍ଦିର ସେବକଙ୍କୁ ଚିକିତ୍ସା ସହାୟତା ପାଇଁ ଅର୍ଥରାଶି ପ୍ରଦାନ କରାଯାଇଛି।

ପ୍ରତିଷ୍ଠାନର ମୁଖପତ୍ର 'ଶ୍ରୀଜଗନ୍ନାଥ ଚେତନା-୧୩', 'ଶ୍ରୀମନ୍ଦିରସ୍ଥ ବିଜେପ୍ରତିମା' ଓ 'ଶ୍ରୀଜଗନ୍ନାଥ ଚେତନା ଓ ଲୀଳାକ୍ଷେତ୍ର ସମାଚାର' ଲୋକାର୍ପଣ ହୋଇଥିଲା। 'ଆମ ଓଡ଼ିଶା' ପ୍ରକାଶିତ ଏବଂ ଡ.ଅସିତ ମହାନ୍ତିଙ୍କ ରଚିତ ପୁସ୍ତକ 'ଲକ୍ଷ୍ମୀପୁରାଣ କଥା' ଶ୍ରୀ ମହାନ୍ତି ଗଜପତି ମହାରାଜ ଓ ଅନ୍ୟ ଅତିଥିମାନଙ୍କୁ ଉପହାର ଦେଇଥିଲେ। ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ଶ୍ରୀରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ ବକ୍ତବ୍ୟ ରଖିଥିଲେ। ମହାସଚିବ ଡ.ନରେଶ ଚନ୍ଦ୍ର ଦାଶ ଶ୍ରୀଜଗନ୍ନାଥଙ୍କ ଧ୍ୟାନ ଆବୃତ୍ତି କରିଥିଲେ। ସଚିବ ସନ୍ତୋଷ କୁମାର ପାତ୍ର ଅତିଥି ପରିଚୟ ଦେଇଥିଲେ। ଡ. ଅସିତ ମହାନ୍ତି, ପ୍ରଦୀପ କୁମାର ସାହୁ, ବିଶ୍ୱନାଥ ପଣ୍ଡା, ସୁଦର୍ଶନ ନାୟକ, ଡାକ୍ତର କରୁଣାକର ପ୍ରଧାନ, ସୂର୍ଯ୍ୟନାରାୟଣ ମହାପାତ୍ର, ଡ.ଶ୍ରୀନିବାସ ଆଚାର୍ଯ୍ୟ ଓ ପ୍ରଧ୍ୟାପକ ସୁନିଲ ରଥ ବିଭିନ୍ନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ଦିବାକର ମହାପାତ୍ର ବେଦପାଠ କରିଥିଲେ।

PURI Edition
Page No.1 December 18, 2023



ସକାଳ
THE SAKALA

## ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

# ମହାପ୍ରଭୁଙ୍କ ଇଚ୍ଛାରେ ହେଉଛି ପରିକ୍ରମା ପ୍ରକଳ୍ପ: ଗଜପତି ମହାରାଜା

**ପୁରୀ,୧୭ା୧୨(ସମିସ):** ମହାପ୍ରଭୁଙ୍କ ସାନ୍ନିଧ୍ୟ ପାଇବାକୁ ସମସ୍ତେ ଚାହାନ୍ତି। ପ୍ରଭୁଙ୍କ ନିକଟତର ହେବା ପାଇଁ କେବଳ ପୁରାଣଶାସ୍ତ୍ର ପଢ଼ିଲେ ହେବ ନାହିଁ, ବରଂ ଅନ୍ତଃକରଣ ଶୁଦ୍ଧିର ଆବଶ୍ୟକତା ରହିଛି। ଏଥିସହ ଗଭୀର ଭକ୍ତି

- **ମହାପ୍ରଭୁଙ୍କ ନିକଟତର ପାଇଁ ଅନ୍ତଃକରଣ ଶୁଦ୍ଧି ଆବଶ୍ୟକ**
- **ନିଷ୍କାମ ଓ ସକାମ ଭକ୍ତି ହେଉଛି ବାସ୍ତବ ଭକ୍ତି**

ଓ ଆଧ୍ୟାତ୍ମିକ ସାଧନା ଦରକାର। ରବିବାର ହଲିଡେ-ରିସର୍ଟରେ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଚତୁର୍ଦ୍ଦଶ ସାଧାରଣ ଅଧିବେଶନ ଓ ଦ୍ୱାଦଶ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରି ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହା କହିଛନ୍ତି।

ଗଜପତି ମହାରାଜା କହିଥିଲେ ଯେ ପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ରହିବା ଦରକାର। ସେ ଇଚ୍ଛାମୟ। ତାଙ୍କ ଇଚ୍ଛାରେ ହିଁ ଶ୍ରୀମନ୍ଦିର ପରକ୍ରମା ପ୍ରକଳ୍ପ ହେଉଛି। ଏହି ଅବସରରେ ଗଜପତି ମହାରାଜା ପ୍ରତିଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିବା ସହ ଶ୍ରୀଜଗନ୍ନାଥଙ୍କ ଉଦାର ଚେତନାକୁ ସାରା ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଆଧାତ୍ମିକ ଅନୁଷ୍ଠାନଗୁଡ଼ିକ ଆଗଭର ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ।




ମୁଖ୍ୟ ଅତିଥି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଲେ ଯେ ମଣିଷର ଆଶା ଅସୁମାରୀ। ଆଶା ପୂରଣ ନହେଲେ ମହାପ୍ରଭୁଙ୍କ ଉପରେ ଅଭିମାନ କରିବା ଅନୁଚିତ। ନିଷ୍କାମ ଓ ସକାମ ଭକ୍ତି ହେଉଛି ବାସ୍ତବ ଭକ୍ତି। ତେଣୁ ଭକ୍ତି କରିବାର ଆଭିମୁଖ୍ୟ ବଦଳିବା ଦରକାର। ଏହା ବଦଳିପାରିଲେ ଠାକୁରଙ୍କ ସହ ଆହୁରି ନିବିଡ଼ତା ବଢ଼ିବ। ସମ୍ମାନିତ ଅତିଥି ଆମେରିକା ଦାଶ ଫାଉଣ୍ଡେସନ ପ୍ରତିଷ୍ଠାତା ଡ. ଶୀତକଣ୍ଠ ଦାଶ ସାରା ବିଶ୍ୱରେ କିଭଳି ଶ୍ରୀଜଗନ୍ନାଥଙ୍କ ମହିମା ପରିବ୍ୟାପ୍ତ, ସେ ସମ୍ପର୍କରେ ବିଶଦ୍ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରତିଷ୍ଠାନର ମୁଖପତ୍ର 'ଶ୍ରୀଜଗନ୍ନାଥ ଚେତନା-୧୩' ଓ 'ଶ୍ରୀମନ୍ଦିରର ବିଜେ ପ୍ରତିମା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅତିଥିଙ୍କ ଦ୍ୱାରା 'ଶ୍ରୀଜଗନ୍ନାଥ ଚେତନା ଓ ଲୀଳାକ୍ଷେତ୍ର ସମାଚାର' ଲୋକାର୍ପିତ ହୋଇଥିଲା। ପ୍ରତିଷ୍ଠାନର ନବୀକୃତ ୱେବ୍‌ସାଇଟ୍‌କୁ ଗଜପତି ମହାରାଜା ଉଦ୍‌ଘାଟନ କରିଥିଲେ।

ଉତ୍ସବରେ ସ୍ୱନାମଧନ୍ୟା କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କୁ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ବିଶିଷ୍ଟ ଗବେଷିକା ଡ. ତୁଳସୀ ଓଝାଙ୍କୁ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ଶ୍ରୀଜଗନ୍ନାଥ ଚେତନାର ଅନନ୍ୟ ପ୍ରଚାରକ ପ୍ରାଧ୍ୟାପକ ଶୁକଦେବ ମହାନ୍ତିଙ୍କୁ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ, ଭୁବନେଶ୍ୱର ଆର୍‌ସିଏମ୍ ଶ୍ରୀଜଗନ୍ନାଥ ମନ୍ଦିର ଓ ଲୀଳକ୍ଷେତ୍ର ଗଞ୍ଜାମ ଚିକିଟିସ୍ଥିତ ଚକାଦେବ ଶ୍ରୀଜଗନ୍ନାଥ ମନ୍ଦିରଙ୍କୁ ଶ୍ରୀଜଗନ୍ନାଥ ଚେତନା ସଙ୍ଗଠକ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଶ୍ରୀଜଗନ୍ନାଥଙ୍କର ପାଞ୍ଚଜଣ ସେବକ ଓ ସେବକ ପରିବାରର ସଦସ୍ୟଙ୍କୁ ଚିକିତ୍ସା ସହାୟତା ଦିଆଯାଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ଝାଞ୍ଜପିଟା ମଠର ଅଧକ୍ଷ ସଚ୍ଚିଦାନନ୍ଦ ଦାସ ବାବାଜୀ। ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ସଚିବ ପ୍ରାଧ୍ୟାପକ ସୁନୀଲ ରଥ।

ବାର୍ଷିକ ଉତ୍ସବ ପୂର୍ବରୁ ଅପରାହ୍ନରେ ଚତୁର୍ଦ୍ଦଶ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟବ୍ୟୟ ଓ ବଜେଟ୍ ଉପସ୍ଥାପିତ ହୋଇ ଗୃହୀତ ହୋଇଥିଲା। ସନ୍ତୋଷ କୁମାର ପାତ୍ର, ଡ. ଶ୍ରୀନିବାସ ଆଚାର୍ଯ୍ୟ, ପ୍ରଫେସର୍ ଦିବାକର ମହାପାତ୍ର, ବିଶ୍ୱନାଥ ପଣ୍ଡା, ରବିନାରାୟଣ ସାମନ୍ତରା, ସୁଦର୍ଶନ ନାୟକ, ଅସିତ ମହାନ୍ତି, ଡା. କରୁଣାକର ପ୍ରଧାନ, ହରେକୃଷ୍ଣ ପ୍ରତିହାରୀ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ସୂର୍ଯ୍ୟନାରାୟଣ ମହାପାତ୍ର, ପ୍ରଦୀପ୍ତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥ ଚେତନାକୁ ବିଶ୍ୱବାସୀଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ

ପୁରୀ,୧୭।୧୨(ଅଜିତ୍ ମହାନ୍ତି)



ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଦ୍ୱାଦଶ ବାର୍ଷିକୋତ୍ସବ ଅବସରରେ ସମ୍ବର୍ଦ୍ଧିତ ଅତିଥିମାନେ ।

ଆଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଚତୁର୍ଦ୍ଦଶ ସାଧାରଣ ଅଧିବେଶନ ଓ ଦ୍ୱାଦଶ ବାର୍ଷିକୋତ୍ସବ ହୋଟେଲ ହଲିଡେ ରିସର୍ଟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଉଦ୍‌ଘାଟକ ଭାବେ ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହଦେବ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ଉଦାର ଚେତନାକୁ ସାରା ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଆଧ୍ୟାତ୍ମିକ ଅନୁଷ୍ଠାନଗୁଡିକ ଆଗଭର ହୋଇ କାର୍ଯ୍ୟ କରିବାକୁ ଗଜପତି ମହାରାଜ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଡ. ଦାଶ ଫାଉଣ୍ଡେଶନ, ଆମେରିକାର ଅଧ୍ୟକ୍ଷ ଡ. ଶିତିକଣ୍ଠ ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଷ୍ଠାନର ମୁଖପତ୍ର ଶ୍ରୀଜଗନ୍ନାଥ ଚେତନା- ୧୩ ଓ ଶ୍ରୀମନ୍ଦିରର ବିଜେ ପ୍ରତିମା ପୁସ୍ତକ ଉନ୍ମୋଚନ ହୋଇଥିଲା। ଅତିଥିଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଚେତନା ଓ ଲୀଳାକ୍ଷେତ୍ର ସମାଚାର ଲୋକାର୍ପଣ ହୋଇଥିଲା। ଗଜପତି ମହାରାଜା ପ୍ରତିଷ୍ଠାନର ନବୀକୃତ ୱେବ୍‌ସାଇଟ୍‌କୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ସ୍ୱନାମଧନ୍ୟା କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ବିଶିଷ୍ଟ ଗବେଷିକା ଡ. ତୁଳସୀ ଓଝାଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ପ୍ରବଚକ ପ୍ରାଧ୍ୟାପକ ଶୁକଦେବ ମହାନ୍ତିଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ, ଆର୍‌ସିଏମ୍ ଶ୍ରୀଜଗନ୍ନାଥ ମନ୍ଦିର, ଭୁବନେଶ୍ୱର ଓ ଚକାଦେବ ଶ୍ରୀଜଗନ୍ନାଥ ମନ୍ଦିର ଚିକିଲି ଲୀଳାକ୍ଷେତ୍ର, ଗଞ୍ଜାମଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ସଂଗଠକ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଝାଞ୍ଜପିଟା ମଠ ମହନ୍ତ ସଚ୍ଚିଦାନନ୍ଦ ଦାସ ବାବାଜୀ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରତିଷ୍ଠାନର ଶତାଧିକ ସଦସ୍ୟା ସଦସ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ସୁନୀଲ ରଥ ସଞ୍ଚାଳନ କରିଥିଲେ। ମଧ୍ୟାହ୍ନରେ ଅନୁଷ୍ଠାନର ଚତୁର୍ଦ୍ଦଶ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟବ୍ୟୟ ଓ ବଜେଟ ଉପସ୍ଥାପିତ ହୋଇ ଗୃହୀତ ହୋଇଥିଲା।